


# ଆପଣା ଆହ୍ୱାନ ସଙ୍ଗେ ସାଲିସ ନ କରନ୍ତୁ

ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Don’t Compromise Your Calling (Odia)**

# ଆପଣା ଆହ୍ୱାନ ସଙ୍ଗେ
# ସାଲିସ ନ କରନ୍ତୁ

# ସୂଚୀପତ୍ର


| | | |
|---|---|---|
| ୧. | ଉପକ୍ରମଣିକା | ୧ |
| ୨. | ସଂସାରର ଜଞ୍ଜାଳ | ୩ |
| ୩. | ବାନ୍ଧି ରଖୁଥିବା ସମ୍ପର୍କସମୂହ | ୪ |
| ୪. | ଶୀତଳ ହୋଇଯାଇଥିବା ପ୍ରେମ | ୫ |
| ୫. | ଗ୍ରହଣଯୋଗ୍ୟ ହେବାର ଇଚ୍ଛା | ୬ |
| ୬. | ମନୁଷ୍ୟର ମାର୍ଗ ଅନୁସରଣ କରିବା | ୭ |
| ୭. | ବହୁମୂଲ୍ୟ ଆହ୍ୱାନ | ୮ |
| ୮. | ଭୟ- ଏକ ମାରାତ୍ମକ ଅସ୍ତ୍ର | ୧୦ |
| ୯. | ନିଷ୍ପତ୍ତି ଆପଣଙ୍କର | ୧୨ |

# ୧

# ଉପକ୍ରମଣିକା

ଆମ ପ୍ରତ୍ୟେକଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଯୋଜନା ରହିଛି । ଆମ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରୁ ଓ ଜାଣୁ ଯେ ଆମମାନଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ଆହ୍ୱାନ ହିଁ ତାଙ୍କର ନିର୍ଦ୍ଦିଷ୍ଟ ଯୋଜନା ଅଟେ । ଅଧିକନ୍ତୁ, ଆମେ ମଧ୍ୟ ଜାଣୁ ଯେ ଆମମାନଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ଆପେ ଆପେ ସଫଳ ହୋଇ ନ ଥାଏ । ଅନ୍ୟ ଭାଷାରେ କହିଲେ, ଆମମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାରେ ଆମର ନିର୍ଦ୍ଦିଷ୍ଟ ଭୂମିକା ରହିଥାଏ । ଈଶ୍ୱରଙ୍କ ଯୋଜନା ଯେପରି ଆମଠାରେ ଓ ଆମଦେଇ ପୂରଣ ହୋଇପାରିବ ସେଥିପାଇଁ ବ୍ୟକ୍ତିଗତ ଭାବରେ ଆମେ ଈଶ୍ୱରଙ୍କ ସହିତ ସହଯୋଗ କରିବାକୁ ହେବ ।

ଆମେ ହୃଦୟଙ୍ଗମ କରିବା ଉଚିତ ଯେ ଈଶ୍ୱର ଆମକୁ ଆହ୍ୱାନ କରିବାର ଗୁରୁତ୍ୱ ବା ମହତ୍ୱ ନୁହେଁ, ମାତ୍ର ସେହି ଆହ୍ୱାନକୁ ସଫଳ କରିବା ହିଁ ବଡ଼ ବିଷୟ । ଆମ ମଧ୍ୟରୁ ହୁଏତ ଅନେକେ 'ବଡ଼' ବିଷୟମାନ କରିବାପାଇଁ, ଅନ୍ୟମାନେ 'ଛୋଟ' ବିଷୟମାନ କରିବାପାଇଁ ଆହ୍ୱାନ ପାଇଅଛୁ । ମନୁଷ୍ୟ ଦୃଷ୍ଟିରେ ଏହା 'ବଡ଼' ବା 'ଛୋଟ' ମନେ ହୁଏ । କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରେ 'ବଡ଼' ହେଉ ବା 'ଛୋଟ' ହେଉ ଉଭୟ ସମାନ । ଯେଉଁମାନେ 'ବଡ଼' ବିଷୟ ପାଇଁ ଆହୂତ ଓ ଯେଉଁମାନେ 'ଛୋଟ' ବିଷୟ ପାଇଁ ଆହୂତ ଉଭୟେ ଯେପରି ସେମାନଙ୍କର ଆହ୍ୱାନକୁ ପୂରଣ କରନ୍ତି ଏଥିପାଇଁ ସେ ଆଗ୍ରହୀ ହୋଇଥାନ୍ତି । 'ବଡ଼' ଓ 'ଛୋଟ' ପରସ୍ପର ନିର୍ଭରଶୀଳ । ଜଣେ ବିଫଳ ହେଲେ ଅନ୍ୟଜଣକ ପ୍ରଭାବିତ ହୋଇଥାଏ । ଜଣେ 'ବଡ଼' ପ୍ରଚାରକ ବହୁ ଲୋକଙ୍କ ଆଗରେ ପ୍ରଚାର କରୁଥିଲେ ମଧ୍ୟ ସେ 'ଛୋଟ' ଅଜଣା ଟେକ୍‌ନିସିଆନ୍ ଉପରେ ନିର୍ଭର କରନ୍ତି କାରଣ ସେ ଡ଼ାକବାଜି ଯନ୍ତ୍ର ଓ ଧ୍ୱନି ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ । ଯଦି ଟେକ୍‌ନିସିଆନ୍ ଜଣକ ତାହା ନ କରେ ବା ଠିକ୍‌ଭାବରେ ନ କରେ ତେବେ କ'ଣ ହେବ ?

ତଥାପି, ଆମେ ସମସ୍ତେ 'ବଡ଼' ବା 'ଛୋଟ' ଯେଉଁ କାର୍ଯ୍ୟ କରିବାକୁ ଆହ୍ୱାନ ପାଇଛୁ ତାହା ସମ୍ପାଦନ କରିବାବେଳେ ଅନେକ ବାଧାବିଘ୍ନର ସାମ୍ନା କରିବା, ଯଦ୍ଦ୍ୱାରା

ଈଶ୍ୱରଙ୍କ ଆହ୍ୱାନକୁ ଆମେ ହୁଏତ ପୂରଣ କରିପାରିବା ନାହିଁ । ଶୟତାନ ମଧ୍ୟ ଈଶରଙ୍କ ଆହ୍ୱାନ କାର୍ଯ୍ୟକାରୀ ନ କରିବା ଦିଗରେ ଆମର ବାଧା ଜନ୍ମାଏ । ଆମ ମଧ୍ୟରୁ ଅନେକେ ଈଶ୍ୱରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରଥମେ ଉଦ୍‌ଯୋଗୀ ଥିଲେ, କିନ୍ତୁ ପରେ ସେଥିରେ ସାଲିସ କରି ସେହି ଯୋଜନାର ଆଉ ଅନୁସରଣ କରୁନାହାନ୍ତି । ଆମେ ପଥ ମଧ୍ୟରେ କେଉଁଠି ଅଟକି ଯାଇଛୁ । ହୁଏତ ଆମର ଚିତ୍ତ ବିକ୍ଷେପ ଘଟିଛି, ଫଳରେ ଆମେ ଆଉ ଈଶ୍ୱରଙ୍କ ରାଜ୍ୟର ଅନ୍ୱେଷଣ ନ କରି ବ୍ୟକ୍ତିଗତ ସଫଳତା, ଧନସମ୍ପତ୍ତି ବା ଅନ୍ୟାନ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ଆମର ଶକ୍ତିର ବିନିଯୋଗ କରୁଛୁ । ଆମ ମଧ୍ୟରୁ ଅନେକେ ଆମ ଦୈନନ୍ଦିନ ଜୀବନର ବ୍ୟାପାରସବୁରେ ଏତେ ବ୍ୟସ୍ତ ରହୁଛୁ ଯେ ସ୍ୱର୍ଗୀୟ ଆହ୍ୱାନର ଉତ୍ତର ଦେଇ ପାରୁ ନାହୁଁ । ଆମେ ଈଶ୍ୱରଙ୍କଠାରୁ ଯେଉଁସବୁ ବାକ୍ୟ ପ୍ରାପ୍ତ ହୋଇଛୁ, ପବିତ୍ର ଆତ୍ମା ଆମକୁ ଯେଉଁସବୁ ସ୍ୱପ୍ନ ଓ ଦର୍ଶନ ଦେଖାଇଛନ୍ତି ସେସବୁକୁ ଆମେ ଉପେକ୍ଷା କରୁଛୁ । ସେସବୁକୁ ଆମେ ହୁଏତ ଭୁଲିଯାଇଛୁ କିଅବା ଭୟ ବା ଅବିଶ୍ୱାସ ହେତୁ ଉଦ୍ଦେଶ୍ୟମୂଳକ ଭାବରେ ସେଗୁଡ଼ିକୁ ଆମେ ଜାଣିଶୁଣି ଅଗ୍ରାହ୍ୟ କରିଛୁ । ଏହି ପୁସ୍ତକର ଉଦ୍ଦେଶ୍ୟ ଆମମାନଙ୍କୁ ପୁନଃପ୍ରଜ୍ୱଳିତ କରିବା । ଏଥିରେ ଚେତାବନୀ ଦିଆଯାଇଛି ଯେ ଆମେ କୌଣସି ନା କୌଣସି ଫାନ୍ଦରେ ପଡ଼ିଯିବା, ଯଦ୍ଦ୍ୱାରା ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିବା ଓ ଆମର ଗନ୍ତବ୍ୟ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବା ଦିଗରେ ଆମେ ଅସଫଳ ହେବା ।

# ୨
# ସଂସାରର ଜଞ୍ଜାଳ

ପ୍ରେରିତ ପାଉଲଙ୍କ ସଙ୍ଗେ ମିଶି ଅନେକେ କାର୍ଯ୍ୟ କରିଥିଲେ ବା ଅନେକେ ତାଙ୍କ ସେବାକାର୍ଯ୍ୟରେ ତାଙ୍କର ସହଯୋଗୀ ଥିଲେ । ସେ ସେମାନଙ୍କର ନାମସବୁ ତାଙ୍କ ପତ୍ରସବୁରେ ଉଲ୍ଲେଖ କରନ୍ତି । ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ ପାଉଲ ତିନୋଟି ବିଭିନ୍ନ ସ୍ଥାନରେ ଲେଖିଛନ୍ତି । ଫିଲିମୋନଙ୍କ ନିକଟକୁ ଲିଖିତ ପତ୍ରରେ ସେ ଦୀମା ନାମକ ଜଣେ ସହକର୍ମୀଙ୍କ ବିଷୟରେ ଲେଖନ୍ତି (ଫିଲୀମୋନ ୧:୨୩) ଏବଂ କଲସୀୟ ମଣ୍ଡଳୀ ନିକଟକୁ ଲିଖିତ ପତ୍ରରେ ମଧ୍ୟ ଏହି ନାମ ଉଲ୍ଲେଖ କରନ୍ତି (କଲସୀ ୪:୧୪) । ତେବେ ଏହା ପରେ ଶେଷଥର ପାଇଁ ପାଉଲ ଦୀମାଙ୍କ ନାମ ଉଲ୍ଲେଖ କରି ତୀମଥିଙ୍କ ନିକଟକୁ ଲେଖନ୍ତି, "କାରଣ ଦୀମା ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି ମୋତେ ପରିତ୍ୟାଗ କରିଅଛି ଓ ଥେସଲନୀକୀକୁ ଯାଇଅଛି" (୨ତୀମଥି ୪:୧୦) । କଳ୍ପନା କରନ୍ତୁ ଯେ ପାଉଲଙ୍କ ସଙ୍ଗେ ମିଶି ରହିଥିଲେ ଓ ତାଙ୍କର ସହକର୍ମୀ ଥିଲେ, ସେ କିପରି ଜଗତର ପ୍ରବଞ୍ଚନାରେ ପଡ଼ି ସେବାକାର୍ଯ୍ୟକୁ ଓ ପ୍ରେରିତଙ୍କୁ ପରିତ୍ୟାଗ କଲେ ଏବଂ ଜଗତରେ ନିଜର ଯୋଜନା ମୁତାବକ କାର୍ଯ୍ୟ କରିବାକୁ ଚାଲିଗଲେ ।

ଜଗତର ସମସ୍ତ ଆକର୍ଷଣ ଓ ଜଞ୍ଜାଳରୁ ଯେପରି ଦୂରେଇ ରହିବା ଏଥିନିମନ୍ତେ ଆମେ ସମସ୍ତେ ଆମମାନଙ୍କ ହୃଦୟକୁ ଅତି ଯତ୍ନରେ ରଖିବା ଆବଶ୍ୟକ । ଗୋଟିଏ ପକ୍ଷରେ, ଜୀବନ ଯଦି ସହଜ ଓ ସୁଖସ୍ୱାଚ୍ଛନ୍ଦ୍ୟମୟ ଅଟେ ଆମେ ଆମ ସ୍ୱର୍ଗୀୟ ଆହ୍ୱାନର ଅନୁସରଣ କରିବାକୁ ଭୁଲି ଯାଇପାରୁ । ଅନ୍ୟପକ୍ଷରେ, ଜୀବନ ଯଦି ସମସ୍ୟା ଓ ଜଞ୍ଜାଳରେ ଜର୍ଜରିତ, ତେବେ ସେସବୁରୁ ବାହାରି ଆସିବା ପାଇଁ ଆମେ ସଂଘର୍ଷ କରି ଶେଷରେ ସଫଳତା ପାଉ, କିନ୍ତୁ ଆମର ଆହ୍ୱାନକୁ ଅବହେଳା କରୁ । ଯୀଶୁ କହନ୍ତି, "ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପିପକାଏ ଓ ତାହା ଫଳହୀନ ହୁଏ" (ମାର୍କ ୪:୧୮) । ସାଂସାରିକ ସମସ୍ୟାସକଳ ବା ଏହାର ସୁଖସନ୍ତୋଷସବୁ ଆପଣଙ୍କୁ ଈଶ୍ୱରଙ୍କ ବାକ୍ୟଠାରୁ ବିମୁଖ ନ କରୁ, ଯାହା ଈଶ୍ୱର ଆପଣଙ୍କ ଜୀବନ ନିମନ୍ତେ କହିଛନ୍ତି ।

# ୩

# ବାନ୍ଧିରଖୁଥିବା ସମ୍ପର୍କସମୂହ

ପରିବାର ଓ ବନ୍ଧୁବାନ୍ଧବ ରହିବା ଆଶ୍ଚର୍ଯ୍ୟର ବିଷୟ କାରଣ ସେମାନେ ଆମକୁ ପ୍ରେମ କରନ୍ତି ଓ ଆମର ଯତ୍ନ ନିଅନ୍ତି । ତେବେ ସେହିମାନେ ହିଁ ଆମକୁ ଏପରି ବାନ୍ଧି ରଖନ୍ତି ଯେ ସେମାନେ ଆମକୁ ଈଶ୍ୱରଙ୍କ ଆହ୍ୱାନର ଅନୁସରଣ କରିବାକୁ ଦେଇ ନ ଥାନ୍ତି । ଅନେକ ଯୁବକ ଯୁବତୀ ସେମାନଙ୍କର ପିତାମାତାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ସେମାନଙ୍କର ସ୍ୱର୍ଗୀୟ ଆହ୍ୱାନ ସଙ୍ଗେ ସାଲିସ କରି ଅନ୍ୟସବୁ ବିଷୟର ଅନୁସରଣ କରନ୍ତି, ଯାହା ଈଶ୍ୱରଙ୍କ ଇଚ୍ଛାର ବାହାରେ । ଲୂକ ସୁସମାଚାରରେ ଏପରି ଲେଖାଯାଏ:

"ପୁଣି ସେ ଆଉ ଜଣକୁ କହିଲେ, ମୋହର ଅନୁଗମନ କର । କିନ୍ତୁ ସେ କହିଲେ, ପ୍ରଥମେ ଯାଇ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । ମାତ୍ର ସେ ତାହାଙ୍କୁ କହିଲେ, ମୃତମାନଙ୍କୁ ଆପଣା ଆପଣା ମୃତ ଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ିଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କର । ଆଉ ଜଣେ ମଧ୍ୟ କହିଲେ, ପ୍ରଭୁ, ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପ୍ରଥମେ ମୋହର ଗୃହରେ ଥିବା ଲୋକମାନଙ୍କଠାରୁ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ" (ଲୂକ ୯:୫୯-୬୨) ।

ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ପାରିବାରିକ ଦାୟିତ୍ୱସବୁରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଏହାକୁ ପ୍ରଥମ ସ୍ଥାନ ଦେବାକ ହେବ । ଏହାର ଅର୍ଥ ନୁହେଁ ଯେ ଆମର ପରିବାର ପ୍ରତି ଆମେ ଦାୟିତ୍ୱଶୂନ୍ୟ ରହିବା ବା ଏହାକୁ ଅବହେଳା କରିବା । କିନ୍ତୁ ଅଗ୍ରାଧିକାର ଭିତ୍ତିରେ ଈଶ୍ୱରଙ୍କ ଆହ୍ୱାନ ପ୍ରଥମ ସ୍ଥାନରେ ରହିବ । ପ୍ରଭୁଙ୍କ ପ୍ରତି ଓ ତାହାଙ୍କ ରାଜ୍ୟ ପ୍ରତି ଆମର ସମର୍ପଣ ଆମର ଯେକୌଣସି ପାର୍ଥିବ ସମ୍ପର୍କର ଆଗରେ ରହିବାକୁ ହେବ ।

"କେହି ଯେବେ ମୋ' ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନ କରେ, ତେବେ ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ" (ଲୂକ ୧୪:୨୬) ।

ଏହି ସମ୍ପର୍କସମୂହ ଓ ବନ୍ଧୁତାସବୁ କ'ଣ ଈଶ୍ୱରଙ୍କ ଆହ୍ୱାନର ଅନୁସରଣ କରିବାରୁ ଆମକୁ ବାଧା ଦେଉଛି ? ହୁଏତ ଆମେ ଠିକ୍ ଭାବରେ ଆରମ୍ଭ କରିଥିଲୁ, କିନ୍ତୁ ଅଜାଣତରେ, ପାର୍ଥିବ ସମ୍ପର୍କସବୁ ତୁଳନାରେ ଯୀଶୁଙ୍କୁ ଅଗ୍ରାଧିକାର ଦିଆଗଲା ନାହିଁ । ଏହାକୁ ଶୃଙ୍ଖଳିତ କରିବାକୁ ହେବ । ପାର୍ଥିବ ସମ୍ପର୍କସବୁ ହେତୁ ଆମେ ଈଶ୍ୱରଙ୍କ ଆହ୍ୱାନକୁ ଭୁଲିଯାଇ ନ ପାରୁ ।

## ୪

# ଶୀତଳ ହୋଇଯାଇଥିବା ପ୍ରେମ

ଆଜି ଈଶ୍ୱରଙ୍କ ନିମନ୍ତେ ଆପଣଙ୍କ ଉଦ୍‌ଯୋଗ କେତେ ଦୂର ଦୃଢ ? ପ୍ରଭୁଙ୍କ ଗୃହ ପାଇଁ ଓ ଈଶ୍ୱରଙ୍କ ବିଷୟସବୁ ନିମନ୍ତେ ଆପଣ ସମ୍ପୂର୍ଣ୍ଣ ଉଦ୍‌ଯୋଗୀ ଅଟନ୍ତି କି ? ଯୀଶୁଙ୍କ ବିଷୟରେ ଲେଖାଯାଏ: "ତୁମ୍ଭ ଗୃହ ନିମନ୍ତେ ଉଦ୍‌ଯୋଗ ମୋତେ ଗ୍ରାସ କରିବ" (ଗୀତ ୬୯:୯; ଯୋହନ ୨:୧୭) । ଈଶ୍ୱରଙ୍କ ଅନ୍ୱେଷଣ କରିବା ଓ ତାଙ୍କର ସେବା କରିବାକୁ ଆପଣ ଅଗ୍ରାଧିକାର ନ ଦେଇ ନିଜର ସୁବିଧା ଅନୁସାରେ ତାହା କରନ୍ତି କି ? ସମୟ ମିଳିଲେ ପ୍ରାର୍ଥନା କରନ୍ତି କି ଅଥବା ପ୍ରାର୍ଥନା ନିମନ୍ତେ ସମୟ ନିରୂପଣ କରି ରଖିଛନ୍ତି ? ବିବେକକୁ ସନ୍ତୁଷ୍ଟ କରିବାକୁ ଯାଇ ଧର୍ମୀୟ ଦାୟିତ୍ୱ ପୂରଣ କରିବା ନିମନ୍ତେ ଆପଣ ଚର୍ଚ୍ଚକୁ ଯାଇଥାନ୍ତି କିଅବା ଆନନ୍ଦ ମନରେ ଯାଇଥାନ୍ତି ? ଗୀତରଚକ ନିଜ ହୃଦୟର କଥା ଏପରି ଭାବରେ ପ୍ରକାଶ କରନ୍ତି:

"ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରରେ ଅନୁସନ୍ଧାନ କରିବା ପାଇଁ ଯେପରି ଯାବଜ୍ଜୀବନ ସଦାପ୍ରଭୁଙ୍କ ଗୃହରେ ବାସ କରିବି, ଏହି ଏକ ବିଷୟ ମୁଁ ସଦାପ୍ରଭୁଙ୍କ ନିକଟରେ ମାଗିଅଛି, ତାହା ହିଁ ମୁଁ ଅନ୍ୱେଷଣ କରିବି" (ଗୀତ ୨୭:୪) ।

ଆପଣ ହୁଏତ କହନ୍ତି ଆପଣ ପ୍ରଭୁଙ୍କୁ ପ୍ରେମ କରନ୍ତି, କିନ୍ତୁ ସେହି ପ୍ରେମରେ ଅଗ୍ନି ନାହିଁ ଯାହା ଆଗରୁ ରହିଥିଲା । ଯେଉଁ ପ୍ରେମ ଶୀତଳ ହୋଇଯାଇଛି ତାହା ନିଜର ସୁବିଧା ଅନୁସାରେ ହିଁ କିଛି କରେ, ସେ ଯେପରି ଆଦେଶ କରନ୍ତି, ତଦନୁସାରେ ନୁହେଁ । ଆପଣ ଯଦି ସୁବିଧା ମିଳିଲେ କିଛି କାର୍ଯ୍ୟ କରନ୍ତି, କିନ୍ତୁ ପ୍ରଭୁଙ୍କ ଆଦେଶ ଅନୁସାରେ କିଛି କରନ୍ତି ନାହିଁ, ତେବେ ଆପଣ ତାଙ୍କର ଆହ୍ୱାନକୁ ପୂରଣ କରିପାରିବେ ନାହିଁ ।

ଯଦି ଆମେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା, ତେବେ ଆମେ ପ୍ରଭୁଙ୍କୁ ଆମର ସମସ୍ତ ହୃଦୟ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତିରେ ପ୍ରେମ କରିବାକୁ ହେବ (ମାର୍କ ୧୨:୩୦) । ତାହାଙ୍କୁ ସମ୍ପୂର୍ଣ୍ଣ ହୃଦୟର ସହିତ ଅନ୍ୱେଷଣ କରିବାକୁ ଆମେ ନିଜକୁ ପୁନଃ ପ୍ରଜ୍ୱଳିତ କରିବାକୁ ହେବ । ତାଙ୍କୁ ଆମର ସର୍ବୋତ୍ତମ ଅର୍ପଣ କରିବାକୁ ହେଲେ ଆମକୁ ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ ।

## ୫

# ଗ୍ରହଣଯୋଗ୍ୟ ହେବାର ଇଚ୍ଛା

ଆମ ଜୀବନରେ ଈଶ୍ୱରଙ୍କ ଆହ୍ୱାନର ଅନୁସରଣ କରୁଥିବା ହେତୁ ଅନ୍ୟମାନେ ଆମକୁ ପସନ୍ଦ, ତାରିଫ୍ ବା ପ୍ରଶଂସା କରି ନ ପାରନ୍ତି । ଆମେ ଯଦି ଲୋକଙ୍କ ଦୃଷ୍ଟିରେ ଗ୍ରହଣୀୟ ହେବାକୁ ଚାହିଁବା, ସେମାନେ ଆମର ପାଖ ଲୋକ ହୁଅନ୍ତୁ ପଛକେ, ଆମେ ନିରାଶ ହେବା । ତା' ହେଲେ, ଆମେ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ମୁକ୍ତ ଭାବରେ କିଛି କରିପାରିବା ନାହିଁ । ସ୍ୱର୍ଗସ୍ଥ ପିତାଙ୍କୁ ସନ୍ତୁଷ୍ଟ କରିବା ଆମର ପ୍ରାଥମିକତା ହେବା ଆବଶ୍ୟକ । ଯୀଶୁ କହନ୍ତି, "ତୁମ୍ଭେମାନେ କିପରି ବିଶ୍ୱାସ କରିପାର ? ତୁମ୍ଭେମାନେ ତ ପରସ୍ପରଠାରୁ ଗୌରବ ଗ୍ରହଣ କରୁଅଛ, ପୁଣି ଏକମାତ୍ର ଈଶ୍ୱରଙ୍କଠାରୁ ଯେଉଁ ଗୌରବ, ତାହା ପାଇବା ପାଇଁ ଚେଷ୍ଟା କରୁ ନାହଁ" (ଯୋହନ ୫:୪୧,୪୪) ।

ବହୁତ ଲୋକ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସାଲିସ କରନ୍ତି, କାରଣ ସେମାନେ ନିଜକୁ ଏପରି ସ୍ଥାନରେ ରଖନ୍ତି ଯେଉଁଥିରେ ସେମାନେ ଲୋକମାନଙ୍କୁ ବା ସଂଗଠନସବୁକୁ (ଏପରିକି ସମ୍ପ୍ରଦାୟସବୁକୁ) ତୁଷ୍ଟ କରିଥାନ୍ତି । ତେଣୁକରି, ଈଶ୍ୱର ଯେତେବେଳେ ସେମାନଙ୍କୁ କିଛିଟା ନୂତନ, କିଛିଟା ଭିନ୍ନ, କିଛିଟା ଅଜଣା ବିଷୟ କରିବାକୁ କହନ୍ତି, ସେମାନେ ଅଗ୍ରାହ୍ୟ ହେବାର ଭୟରେ ଆଗକୁ ଆସି ଆଜ୍ଞା ପାଳନ କରିପାରି ନ ଥାନ୍ତି । ଆମେ ମୂର୍ଖତାର ସପକ୍ଷରେ ନୋହୁଁ, କାରଣ ତଦ୍ୱାରା ଆମେ ଯାହା ଇଚ୍ଛା ତାହା କରିଥାଉ ଯଦିବା ଈଶ୍ୱରପରାୟଣ ଲୋକମାନେ ସେସବୁକୁ ବିରୋଧ କରିଥାନ୍ତି । କହିବାର ତାତ୍ପର୍ଯ୍ୟ ହେଉଛି, ଆମେ ମନୁଷ୍ୟମାନଙ୍କ ପ୍ରଶଂସାର ଊର୍ଦ୍ଧ୍ୱକୁ ଉଠି ଈଶ୍ୱରଙ୍କର ଆଜ୍ଞାକାରୀ ହେବାକୁ ହେବ । ଆଜି ଆପଣ କେଉଁଠି ଅଛନ୍ତି ? ମନୁଷ୍ୟମାନଙ୍କର ପ୍ରଶଂସା ଆବଶ୍ୟକ ନ କରି ଆପଣ ଈଶ୍ୱରଙ୍କ ଆହ୍ୱାନ ପୂରଣ କରିବାପାଇଁ ସମର୍ଥ ଅଟନ୍ତି କି ?

# ୬

# ମନୁଷ୍ୟର ମାର୍ଗ ଅନୁସରଣ କରିବା

ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟ ବିଷୟରେ ଆମେ ସ୍ୱର୍ଗୀୟ ନିର୍ଦ୍ଦେଶ ପ୍ରାପ୍ତ ହେବା ଆବଶ୍ୟକ । ସେହିପରି ସେହି ଉଦ୍ଦେଶ୍ୟ ସାଧନ ନିମନ୍ତେ ମଧ୍ୟ ଈଶ୍ୱରଙ୍କ ନିର୍ଦ୍ଦେଶ ପ୍ରାପ୍ତ ହେବାର ଆବଶ୍ୟକତା ରହିଛି । ନିଜର ପ୍ରଣାଳୀ ଅନୁସରଣ କରି ଆମେ ଏକ ସ୍ୱର୍ଗୀୟ ଆହ୍ୱାନକୁ ପୂରଣ କରିପାରିବା ନାହିଁ । ପ୍ରେରିତ ପାଉଲ ଲେଖନ୍ତି,

"କିନ୍ତୁ ଯେ ମୋହର ମାତାଙ୍କ ଉଦରରୁ ମୋତେ ପୃଥକ୍ କରିଥିଲେ ଓ ଆପଣା ଅନୁଗ୍ରହରେ ମୋତେ ଆହ୍ୱାନ କଲେ, ସେ ଯେତେବେଳେ ଆପଣା ପୁତ୍ରଙ୍କୁ ମୋ'ଠାରେ ପ୍ରକାଶ କରିବା ନିମନ୍ତେ ସନ୍ତୁଷ୍ଟ ହେଲେ, ଯେପରି ମୁଁ ବିଜାତିମାନଙ୍କ ମଧ୍ୟରେ ତାହାଙ୍କୁ ପ୍ରଚାର କରେ, ସେତେବେଳେ ମୁଁ ମନୁଷ୍ୟ ସହିତ ପରାମର୍ଶ କରି ନ ଥିଲି" (ଗାଲାତୀ ୧:୧୫,୧୬) ।

ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାପାଇଁ ଆମେ ଯାହାସବୁ କରୁ ତହିଁର ଧାରଣା, ପ୍ରଣାଳୀ, କାର୍ଯ୍ୟକ୍ରମ ଓ କୌଶଳ ଈଶ୍ୱର ଆମ ହୃଦୟରେ ସ୍ଥାପନ କରିଛନ୍ତି କିଅବା ସେସବୁ ଆମ ନିଜର ? ସେସବୁ ସ୍ୱର୍ଗରୁ ଆଗତ ଅଥବା ଶାରୀରିକ ? ସେସବୁର ପଛରେ ରହିଥିବା ଅଭିପ୍ରାୟ କ'ଣ ? ଆମେ ଆତ୍ମାଙ୍କର ଅନୁସରଣ କରୁଛୁ ଅଥବା ମନୁଷ୍ୟର ?

ଆମେମାନେ ଆମର ଧାରଣାସବୁକୁ ପବିତ୍ର ଆତ୍ମାଙ୍କ ଚାଳନା ନିକଟରେ ସମର୍ପଣ କରିବା ଆବଶ୍ୟକ । ପ୍ରଭୁଙ୍କ ସେବା କରିବାକୁ ଓ ତାଙ୍କ ରାଜ୍ୟ ନିମନ୍ତେ କାର୍ଯ୍ୟ କରିବା ପାଇଁ ଆମର ଉଦ୍‌ଯୋଗ ରହିଥିବା ଆବଶ୍ୟକ, ତେବେ ତାହା ତାହାଙ୍କର ଆତ୍ମାଙ୍କ ଚାଳନା ନିକଟରେ ସମର୍ପିତ ହୋଇଥିବା ଆବଶ୍ୟକ । ଅନ୍ୟମାନେ ଯାଉଛନ୍ତି ବୋଲି ଆମେ ଯିବା ବା କେହି ଆମକୁ କହିଲେ ବୋଲି ଆମେ ଯିବା ଯଥାର୍ଥ ନୁହେଁ । ଈଶ୍ୱର ଆମକୁ ପ୍ରେରଣ କରୁଛନ୍ତି ବୋଲି ଆମେ ଯିବା ଓ ସେ ଯେଉଁଠାକୁ ଆମକୁ ପଠାଉଛନ୍ତି ଆମେ ସେଠାକୁ ଯିବାକୁ ହେବ । ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାର ଚାବି ହେଉଛି ତାଙ୍କର ଚାଳନାକୁ ପ୍ରତି ପଦକ୍ଷେପରେ ଅନୁସରଣ କରିବା ।

## ୭

# ବହୁମୂଲ୍ୟ ଆହ୍ୱାନ

ଈଶ୍ୱରଙ୍କ ଆହ୍ୱାନ ମୂଲ୍ୟବିହୀନ ନୁହେଁ । ଅନେକ ତ୍ୟାଗସ୍ୱୀକାର କରିବାକୁ ହେବ, ଅନେକ ତାଡ଼ନା ଓ କଠିନତାର ସାମ୍ନା କରିବାକୁ ହେବ, ଅନେକ କ୍ଷତିଭୟ ବି ରହିଛି, ଇତ୍ୟାଦି । ତାଙ୍କର ଅନୁଗମନ କରିବାକୁ ହେଲେ ଯେଉଁ ମୂଲ୍ୟ ଦେବାକୁ ହେବ ସେ ବିଷୟରେ ଯୀଶୁ କହନ୍ତି । ବ୍ୟୟ ଅଟକଳ କରିବା ବିଷୟରେ ସେ ଆମକୁ କହନ୍ତି ।

"କାରଣ ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରହରୀଗୃହ ନିର୍ମାଣ କରିବାକୁ ଇଚ୍ଛା କରି ତାହା ସମ୍ପୂର୍ଣ୍ଣ କରିବା ନିମନ୍ତେ ତାହାର ଅର୍ଥବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟ ହିସାବ ଦେଖିବ ନାହିଁ? କାଳେ ସେ ମୂଳଦୁଆ ବସାଇ ଶେଷ କରି ନ ପାରିଲେ, ଯେତେ ଲୋକ ତାହା ଦେଖିବେ, ସମସ୍ତେ ତାହାକୁ ପରିହାସ କରି କହିବାକୁ ଲାଗିବେ, ଏ ଲୋକଟା ତୋଳିବାକୁ ଆରମ୍ଭ କରି ଶେଷ କରି ପାରିଲା ନାହିଁ । କିମ୍ବା କେଉଁ ରାଜା ଅନ୍ୟ ଜଣେ ରାଜାଙ୍କ ସହିତ ଯୁଦ୍ଧ କରିବାକୁ ଯାଉଥିବା ସମୟରେ, କୋଡ଼ିଏ ହଜାର ସୈନ୍ୟ ଘେନି ତାଙ୍କ ବିରୁଦ୍ଧରେ ଆସୁଥିବା ରାଜାଙ୍କ ସହିତ ଦଶ ହଜାର ସୈନ୍ୟ ନେଇ ଯୁଦ୍ଧ କରିବାକୁ ସକ୍ଷମ କି ନାହିଁ, ତାହା ପ୍ରଥମେ ବସି ବିବେଚନା କରିବେ ନାହିଁ? ଯଦି ପାରନ୍ତି ନାହିଁ, ତେବେ ଅନ୍ୟ ରାଜା ଦୂରରେ ଥାଉ ଥାଉ ସେ ଦୂତ ପଠାଇ ସନ୍ଧି ପ୍ରାର୍ଥନା କରନ୍ତି । ସେହିପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ" (ଲୂକ ୧୪:୨୮-୩୩) ।

ଯୀଶୁଙ୍କର ଅନୁଗମନ କରିବାର ମୂଲ୍ୟ କ'ଣ? ସବୁକିଛି । ଯୀଶୁ କହନ୍ତି ଆମେ ସବୁକିଛି ତ୍ୟାଗ କରିବାକୁ ହେବ । ତ୍ୟାଗ କରିବାର ଅର୍ଥ କ'ଣ? ଆମେ ଆଉ ତା'କୁ ନିଜର ବୋଲି ମନେ କରିବା ନାହିଁ । ତାହା ଈଶ୍ୱରଙ୍କର ଏବଂ ଆମର ଯାହା ଅଛି ତାକୁ ନେଇ ସେ ଯାହା ଇଚ୍ଛା କରନ୍ତି ତାହା କରିବାକୁ ଆମକୁ କହି ପାରନ୍ତି । ଆମର ଯାହା ଅଛି ବା କେତେ ପରିମାଣରେ ଅଛି ତାହାର ଗୁରୁତ୍ୱ ନାହିଁ । ଆମେ କ'ଣ ସେସବୁକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେଇଛୁ କି? କିଅବା ଆମର ଧନସମ୍ପତ୍ତି, ଯୋଜନା, ସ୍ୱପ୍ନ, ଆଶା ଆକାଂକ୍ଷା, ସମ୍ପର୍କ, ଅଭ୍ୟାସସବୁକୁ ଯଦି ଈଶ୍ୱର ପରିତ୍ୟାଗ କରିବାକୁ ବା ଦେଇଦେବାକୁ କହିବେ ଆମେ କ'ଣ ତାହା କରିପାରିବା? ଆମର ଅର୍ଥ ଈଶ୍ୱରଙ୍କର ବା କେବଳ ଆମର? ଈଶ୍ୱର କ'ଣ ଆମର ଅର୍ଥ ସମ୍ପର୍କରେ ଆମକୁ କହିପାରିବେ ଯେ ସେହି ଅର୍ଥକୁ ନେଇ ଆମେ କ'ଣ କରିବାକୁ ହେବ ବୋଲି ସେ ଚାହାନ୍ତି? ସେ ଯେଉଁଠାରେ

ବୁଣିବାକୁ ଚାହାନ୍ତି ଆମେ ସେଠାରେ ବୁଣିପାରିବା କି ? ଆମେ କେଉଁ ପରିମାଣରେ ଦେଉଛୁ ତାହା ବଡ଼ କଥା ନୁହେଁ, କିନ୍ତୁ ଆମେ ଯାହା ତ୍ୟାଗ କରିପାରୁ ନାହୁଁ ତାହା ନିର୍ଦ୍ଧାରଣ କରିବ ଆମେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିଛୁ କି ନାହିଁ । ଅନେକେ ବହୁତ କିଛି ପରିତ୍ୟାଗ କରିଛନ୍ତି, କିନ୍ତୁ କ୍ଷୁଦ୍ର କେତେକ ବିଷୟ ସେମାନେ ପରିତ୍ୟାଗ କରିନାହାନ୍ତି, ଯଦ୍ୱାରା ସେମାନଙ୍କ ଜୀବନରେ ଈଶ୍ୱରଙ୍କର ଯେଉଁ ଆହ୍ୱାନ ରହିଛି ସେଥିରେ ପରିପୂର୍ଣ୍ଣତା ଆସିପାରୁ ନାହିଁ । ସେହି କ୍ଷୁଦ୍ର ବିଷୟସବୁକୁ ତ୍ୟାଗ କରିବାର ମୂଲ୍ୟ ଅନ୍ୟ ସମସ୍ତ ତ୍ୟାଗ କରିବାର ମୂଲ୍ୟଠାରୁ ଅଧିକ । କିନ୍ତୁ ଈଶ୍ୱର ତାହାହିଁ ଚାହୁଁଛନ୍ତି । ସେହି ମୂଲ୍ୟ କ'ଣ ଏତେ ବଡ଼ ଯେ ଆପଣ ତାହା ଦେଇପାରିବେ ନାହିଁ ? ମନେ ରଖନ୍ତୁ ଆମ ଜୀବନକୁ ଯଦି ପିତା ଅନୁମୋଦନ କରୁଛନ୍ତି, ତା'ର ପୁରସ୍କାର ବହୁତ ବେଶୀ । ଆପଣ କ'ଣ ସେହି ମୂଲ୍ୟ ଦେଇ ଆପଣଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବେ ?

# ୮

# ଭୟ- ଏକ ମାରାତ୍ମକ ଶତ୍ରୁ

ଅଧିକାଂଶ ଲୋକ ଭୟ ହେତୁ ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସାଲିସ କରିଥାନ୍ତି- ବିଫଳତାର ଭୟ, ଭବିଷ୍ୟତର ଭୟ, ଅଭାବର ଭୟ, ମନୁଷ୍ୟର ଭୟ। ସେମାନେ ଆଗଭର ହୋଇ ଈଶ୍ୱରଙ୍କ ଆହ୍ୱାନର ଉତ୍ତର ଦେବାକୁ ସାହସିକ ହୁଅନ୍ତି ନାହିଁ, କାରଣ ଭୟ ସେମାନଙ୍କୁ ବାନ୍ଧି ରଖିଥାଏ। ଅନେକେ ଭାବୁଥାଇପାରନ୍ତି, "ଈଶ୍ୱର ମୋତେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ସେଠାରେ ମଣ୍ଡଳୀ ସ୍ଥାପନ କରିବାକୁ ଚାହାନ୍ତି, କିନ୍ତୁ ମୁଁ ଯଦି ତାହା କରି ନ ପାରେ କ'ଣ ହେବ? ଯଦି ମଣ୍ଡଳୀ ବୃଦ୍ଧି ନ ପାଇବ?" ବିଫଳତାର ଭୟ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଦେଇ ନ ଥାଏ। ଆମେ ମନେ ରଖିବାକୁ ହେବ ଯେ ଈଶ୍ୱର ଆମକୁ ଜୟ ପ୍ରଦାନ କରିଥାନ୍ତି (୨କରିନ୍ଥୀ ୨:୧୪)। ତେଣୁ, ଆମେ ଈଶ୍ୱରଙ୍କ ଉପରେ ନିର୍ଭର କରୁ। ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଆମେ ସଫଳତା ଓ ବିଫଳତାକୁ ଦେଖିବାକୁ ହେବ। ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ଓ ସେ ଆମକୁ ଯାହା କରିବାକୁ ଆଦେଶ ଦେଇଛନ୍ତି ତାହା ପୂରଣ କରିବା ହିଁ ସଫଳତା। ସଫଳତା ସଂଖ୍ୟାରେ, କାର୍ଯ୍ୟସମ୍ପନ୍ନ କରିବାରେ ଓ ସୁନାମ ଅର୍ଜନ କରିବାରେ ଆସି ନ ଥାଏ।

ଅନେକେ ଭବିଷ୍ୟତ ବିଷୟରେ ମଧ୍ୟ ଭୟ କରିଥାନ୍ତି। ସେମାନେ ଭାବନ୍ତି, "ଈଶ୍ୱର ଏବେ ମୋତେ ଯାହା କରିବାକୁ କହୁଛନ୍ତି ତାହା ଯଦି ମୁଁ କରେ, ଏହା ପରେ କ'ଣ ହେବ"? ସେମାନେ ଭୟ କରିଥାନ୍ତି କାରଣ ସେମାନେ ଭବିଷ୍ୟତକୁ ଦେଖି ପାରି ନ ଥାନ୍ତି। ଈଶ୍ୱର ସବୁବିଷୟ ଥରକେ ଆମକୁ ଦେଖାଇ ନ ଥାନ୍ତି। ସେ ଥରକେ ଗୋଟିଏ ପାଦ ଆଗକୁ ନେବା ପାଇଁ ଆମକୁ ଚାଳନା ଦେଇଥାନ୍ତି। ଈଶ୍ୱର ଆରମ୍ଭରୁ ଶେଷ କିପରି ହେବ ତାହା ଜାଣନ୍ତି। ଏହା ପରେ କ'ଣ ଘଟିବ, ତାହା ସେ ଜାଣନ୍ତି। ଆମର କର୍ତ୍ତବ୍ୟ, ଜୀବନର ଏହି ସମୟରେ ତାଙ୍କ ଉପରେ ନିର୍ଭର ରଖିବା ଓ ସେ ଯାହା ଚାହାନ୍ତି ତାହା କରିବା। ଆମେ ଯୋଜନା ପ୍ରସ୍ତୁତ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଈଶ୍ୱରଙ୍କର ଆଜ୍ଞାବହ ହେବା ତା' ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ବେଳେବେଳେ ଆମର ଯୋଜନା ଈଶ୍ୱରଙ୍କ ବାକ୍ୟ ଓ ତାଙ୍କର ଉଦ୍ଦେଶ୍ୟର ଅନୁରୂପ ହୋଇ ନ ଥାଏ। କିନ୍ତୁ, ଆମେ ତାହା ପାଳନ କରିବାକୁ ହେବ!

ଅନେକେ ଅଭାବକୁ ଭୟ କରିଥାନ୍ତି । ସେମାନେ ଭୟ କରିଥାନ୍ତି ଯେ ଈଶ୍ୱରଙ୍କ ଆହ୍ୱାନ ଅନୁସାରେ କାର୍ଯ୍ୟ କଲେ ସେମାନେ ଅଭାବ ଅସୁବିଧା ମଧ୍ୟ ଦେଇ ଗତି କରିବେ । ଯୀଶୁ ଆମକୁ କହନ୍ତି, "ଈଶ୍ୱରଙ୍କଠାରେ ବିଶ୍ୱାସ ରଖ" (ମାର୍କ ୧୧:୨୨) । ଈଶ୍ୱର ଆମକୁ ଯୋଗାଇବେ ବୋଲି ପ୍ରତିଜ୍ଞା କରିଛନ୍ତି । ତାହାଙ୍କ ବାକ୍ୟରେ ବିଶ୍ୱାସ ଆମ ହୃଦୟରୁ ଭୟସବୁକୁ ଦୂର କରୁ ।

ଅନ୍ୟମାନେ ଲୋକମାନଙ୍କୁ ଭୟ କରନ୍ତି । ଲୋକମାନେ ସେମାନଙ୍କୁ ତାଡ଼ନା କରିପାରନ୍ତି ଏବଂ ଅନ୍ୟ ସେବକମାନେ ମଧ୍ୟ ସେମାନଙ୍କୁ ହଇରାଣ କରିପାରନ୍ତି । ଏଣୁ ସେମାନେ ଅନ୍ୟମାନଙ୍କୁ ଭୟ କରନ୍ତି । ବାଇବଲ କହେ,

"ଲୋକଭୟ ଫାନ୍ଦଜନକ; ମାତ୍ର ସଦାପ୍ରଭୁଙ୍କଠାରେ ଯେ ନିର୍ଭର ରଖେ, ସେ ସୁରକ୍ଷିତ ହେବ" (ହିତୋ ୨୯:୨୫) ।

ଈଶ୍ୱରଙ୍କଠାରେ ନିର୍ଭର କରି ଆପଣ ଏହି ଭୟକୁ ଅତିକ୍ରମ କରି ଅଗ୍ରସର ହୋଇପାରିବେ । ସ୍ମରଣ କରନ୍ତୁ, ଯିହୋଶୂୟ ନେତୃତ୍ୱ ନେବାପରେ ଈଶ୍ୱର ତାଙ୍କୁ କ'ଣ କହିଥିଲେ ।

"ଆମ୍ଭେ କି ତୁମ୍ଭକୁ ଆଜ୍ଞା ଦେଇ ନାହୁଁ? ବଳବାନ୍ ହୁଅ ଓ ସାହସିକ ହୁଅ; ତ୍ରାସଯୁକ୍ତ ହୁଅ ନାହିଁ, କି ହତାଶ ହୁଅ ନାହିଁ; କାରଣ ତୁମ୍ଭେ ଯେଉଁଆଡ଼େ ଯିବ, ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭର ସଙ୍ଗୀ ହେବେ" (ଯିହୋ ୧:୯) ।

ପ୍ରଭୁଙ୍କଠାରେ ସାହସିକ ହୁଅନ୍ତୁ । ଈଶ୍ୱରଙ୍କଠାରେ ଆପଣଙ୍କର ବିଶ୍ୱାସ ତାହାଙ୍କ ଆହ୍ୱାନର ବାଧ୍ୟ ହେବା ପାଇଁ ଆପଣଙ୍କୁ ମୁକ୍ତ କରୁ !

# ୯

# ନିଷ୍ପତ୍ତି ଆପଣଙ୍କର

ଈଶ୍ୱରଙ୍କ ସଙ୍ଗେ ଆମର ଚାଲିରେ ଏକ ଆଶ୍ଚର୍ଯ୍ୟ ବିଷୟ ଏହି ଯେ ଆମେ ପ୍ରଭୁଙ୍କର ଅନ୍ୱେଷଣ କରିବା ନିମନ୍ତେ ନିଜର ହୃଦୟରେ ନିଷ୍ପତ୍ତି ନେଇ ପାରିବା ଓ ତାହା କରିପାରିବା । ଆମେ ଅନୁତପ୍ତ ହୋଇ ପରିବର୍ତ୍ତିତ ହୋଇପାରିବା । ଆମେ ଈଶ୍ୱରଙ୍କ ସହିତ ଆଗକୁ ଯାଇପାରିବା । ବାସ୍ତବରେ, ଆମେ ତାହା କରିପାରିବା । କିନ୍ତୁ, ଯଦିବା ଆମେ ଭୁଲ ମନୋନୟନ କରିଛୁ ଓ ସାଲିସ କରିଛୁ, ଏବଂ ଅସୁବିଧାରେ ପଡ଼ିଯାଇଛୁ, ପ୍ରଭୁ ଆମକୁ ସେଠାରୁ ବାହାର କରି ଆଣିବାକୁ ସମର୍ଥ ଅଟନ୍ତି । ଗୀତରଚକ କହନ୍ତି,

"ମଧ୍ୟ ସେ ମୋତେ ଭୟଙ୍କର ଗର୍ତ୍ତରୁ ଓ ଦହଲା କାଦୁଅରୁ ଉଠାଇ ଆଣିଲେ ଓ ଶୈଳ ଉପରେ ମୋହର ଚରଣ ରଖିଲେ ଓ ମୋହର ପାଦଗତି ଦୃଢ଼ କଲେ" (ଗୀତ ୪୦:୨) ।

ଆମ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ ଆମ ଜୀବନକୁ ଆମେ ସତ୍ୟତାରେ ଅନୁସନ୍ଧାନ କରିବାକୁ ହେବ ଏବଂ ଆବଶ୍ୟକୀୟ ପରିବର୍ତ୍ତନ ନିମନ୍ତେ ଈଶ୍ୱରଙ୍କର ଶକ୍ତି ଆହରଣ କରିବାକୁ ହେବ ।

ଆପଣ କ'ଣ ଆପଣଙ୍କର ଆହ୍ୱାନ ସଙ୍ଗେ ସାଲିସ କରିଛନ୍ତି ? ଆପଣ କ'ଣ ସମସ୍ତ ହୃଦୟର ସହିତ ଈଶ୍ୱରଙ୍କ ଆହ୍ୱାନକୁ ଅନୁସରଣ କରନ୍ତି ? ଆପଣଙ୍କ ଜୀବନକୁ ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସମ୍ପୂର୍ଣ୍ଣ ସଜାଇ ରଖିବା ନିମନ୍ତେ ଆଜି ଆପଣ କେଉଁସବୁ ପରିବର୍ତ୍ତନ ଆବଶ୍ୟକ କରନ୍ତି ?

ଆମକୁ ନିଷ୍ପତ୍ତି ନେବାକୁ ହେବ । ଆମେ ପରିତ୍ରାଣପ୍ରାପ୍ତ ହୋଇ ଜୀବନରେ ଚାଲିପାରିବା, ତଥାପି ସମ୍ପୂର୍ଣ୍ଣ ହୃଦୟର ସହିତ ଈଶ୍ୱରଙ୍କ ଆହ୍ୱାନକୁ ଅନୁସରଣ କରିବା ନାହିଁ । ଆମେ ସ୍ୱର୍ଗକୁ ଯାଇପାରୁ, କିନ୍ତୁ ଅନନ୍ତକାଳକୁ ନେଇଯିବା ନିମନ୍ତେ ଆମ ପାଖରେ କିଛି ନ ଥିବ । ଅନ୍ୟପକ୍ଷରେ, ଆମ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ଅନ୍ୱେଷଣ କରିବା ଓ ତାହା ପୂରଣ କରିବାକୁ ଆମେ ଆବଶ୍ୟକୀୟ ପଦକ୍ଷେପ ନେଇ ପାରିବା । ତଥାପି ଆମେ ଯଦି ସ୍ୱର୍ଗକୁ ଯାଉ ସେଠାରେ ଆମର କାର୍ଯ୍ୟସବୁ ଅଗ୍ନିରେ ପରୀକ୍ଷିତ ହେବ ଏବଂ ଆମର ଫଳ ଅନନ୍ତକାଳ ପର୍ଯ୍ୟନ୍ତ ଚିରସ୍ଥାୟୀ ହେବ । ପ୍ରେରିତ ପାଉଲ ତୀମଥିଙ୍କୁ ଉପଦେଶ ଦେଇ କହନ୍ତି,

"ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର" (୨ତୀମଥି ୨:୧୫)।

ଈଶ୍ୱରଙ୍କ ନିକଟରେ ପରୀକ୍ଷାସିଦ୍ଧ ଜଣେ କାର୍ଯ୍ୟକାରୀ ହେବା ପାଇଁ ଆମେ ଚେଷ୍ଟିତ ହେବା ଆବଶ୍ୟକ ଓ ସେଥିପାଇଁ ଆମେ ଲଜ୍ଜାବୋଧ ନ କରିବା ଉଚିତ। ଈଶ୍ୱରଙ୍କ ଆହ୍ୱାନ ପୂରଣ କରିବା ଦିଗରେ ପ୍ରସ୍ତୁତ ହେବାପାଇଁ ସମୟ ଓ ଚେଷ୍ଟାର ଆବଶ୍ୟକତା ରହିଛି। ଅନେକ ତ୍ୟାଗ ଓ ଆହ୍ୱାନ ଏଥିରେ ରହିଛି। କିନ୍ତୁ ଆମେ ଯଥାସାଧ ଚେଷ୍ଟା କରିବାକୁ ହେବ।

ଏହି ଅନ୍ତିମ ଘଡ଼ିରେ, ଈଶ୍ୱର ଏପରି ଲୋକମାନଙ୍କୁ ଚାହାନ୍ତି ଯେଉଁମାନେ ଶତ ପ୍ରତିଶତ ତାଙ୍କର ଆହ୍ୱାନ ପ୍ରତି ସମର୍ପିତ ରହିବେ। ସେ ଏପରି ଲୋକଙ୍କୁ ଚାହାନ୍ତି ଯେଉଁମାନେ ତାଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ବିକ୍ରି କରିଦିଅନ୍ତି- ଯେଉଁମାନେ କେବେ ସାଲିସ କରନ୍ତି ନାହିଁ। ପ୍ରେରିତ ପାଉଲଙ୍କ ଏହି ଉକ୍ତି ଆପଣଙ୍କୁ ଉତ୍ସାହିତ କରିବ:

"ମୁଁ ଯେ ଏବେ ଏହି ସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧି ଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରି ରଖିବାପାଇଁ ଦୌଡୁଅଛି। ହେ ଭାଇମାନେ, ମୁଁ ଏପର୍ଯ୍ୟନ୍ତ ତାହା ଧରିଅଛି ବୋଲି ମନେ କରୁନାହିଁ, କିନ୍ତୁ ଗୋଟିଏ ବିଷୟ ମୁଁ କରୁଅଛି, ପଶ୍ଚାତ୍ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡୁଅଛି" (ଫିଲିପୀ ୩:୧୨-୧୪)।

ଯେଉଁଥି ପାଇଁ ଆପଣ ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ଧୃତ ହୋଇଛନ୍ତି ତାହା ଧରିବା ପାଇଁ ଦୌଡ଼ନ୍ତୁ। ଆପଣଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ଦୌଡ଼ନ୍ତୁ। ଚେଷ୍ଟାକରିବାକୁ ହେବ, କିନ୍ତୁ ଏହାର ମୂଲ୍ୟ ରହିଛି। ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସାଲିସ କରନ୍ତୁ ନାହିଁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ “All Peoples Church, Bangalore” ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

## All Peoples Church
## Bible College & Ministry Training Center

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଆପଣ 'ବଡ଼' ବା 'ଛୋଟ' କାର୍ଯ୍ୟ କରିବାକୁ ଆହ୍ୱାନ ପାଇଛନ୍ତି । ଆପଣ ତାହା ସମ୍ପାଦନ କରିବାବେଳେ ଅନେକ ବାଧାବିଘ୍ନର ସାମ୍ନା କରିବେ, ଯଦ୍ୱାରା ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ହୁଏତ ସମ୍ଭବ ହୋଇ ନ ପାରେ । ହୁଏତ ଆପଣଙ୍କର ଚିତ୍ତବିକ୍ଷେପ ଘଟିବ, ଏବଂ ଆପଣ ଦୈନନ୍ଦିନ ଜୀବନର ବ୍ୟପାରସବୁରେ ବ୍ୟସ୍ତ ରହିବେ କିଅବା ବ୍ୟକ୍ତିଗତ ସଫଳତା, ଧନସମ୍ପତ୍ତି ବା ଅନ୍ୟାନ୍ୟ ଲକ୍ଷ୍ୟହାସଲ କରିବା ଦିଗରେ ଶକ୍ତିର ବିନିଯୋଗ କରିବେ । ପବିତ୍ର ଆତ୍ମାଙ୍କଠାରୁ ଆପଣ ଯେଉଁସବୁ ସ୍ୱପ୍ନ ଓ ଦର୍ଶନ ପ୍ରାପ୍ତ ହୋଇଛନ୍ତି ସେସବୁକୁ ହୁଏତ ଆପଣ ଉପେକ୍ଷା କରି ଚାଲିଛନ୍ତି ।

ଏହି ପୁସ୍ତକ ଆପଣଙ୍କୁ ପୁନଃପ୍ରଜ୍ୱଳିତ କରିବା ଦିଗରେ ସାହାଯ୍ୟ କରିବ । ଆପଣଙ୍କ ପ୍ରତି ରହିଥିବା ଫାନ୍ଦସବୁ ବିଷୟରେ ମଧ୍ୟ ଏଠାରେ କୁହାଯାଇଛି । ଉତ୍ତମ ଯୁଦ୍ଧରେ ପ୍ରାଣପଣ କରନ୍ତୁ ଓ ଗନ୍ତବ୍ୟ ପଥରେ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ଦୌଡ଼ନ୍ତୁ ।

ଆଶିଷ୍ ରାଇଚୁର୍